# TPCODL

# ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିମିଟେଡ୍

**(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଜଏଣ୍ଟ ଭେଞ୍ଚର)**

**କର୍ପୋରେଟ ଅଫିସ୍ : ପାୱାର ହାଉସ୍ ଛକ, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨**

## ଓପନ୍ ଆକ୍ସେସ ଶୁଳ୍କ ଅଧିସୂଚନା

### ୧ ଏମଡବଲ୍ୟୁ ଓ ତଦୁର୍ଦ୍ଧ୍ୱର ଓପନ୍ ଆକ୍ସେସ୍ ଗ୍ରାହକଙ୍କ ନିମନ୍ତେ ସରଚାର୍ଜ, ହ୍ୱିଲିଂ ଶୁଳ୍କ ଓ ସଂଚାରଣ ଶୁଳ୍କ ୧ ଏପ୍ରିଲ୍ ୨୦୨୪ରୁ କାର୍ଯ୍ୟକାରୀ

୧. ଇଲେକ୍ଟ୍ରିସିଟି ଆକ୍ଟ, ୨୦୦୩ ର ଧାରା ୩୯,୪୦ ଏବଂ ୪୨ ଅଧିନ ସହିତ ପାଠ ଓଇଆରସି (ଟର୍ମସ୍ ଆଣ୍ଡ କଣ୍ଡିସନସ୍ ଅଫ୍ ଇଣ୍ଟ୍ରା ଷ୍ଟେଟ୍ ଓପନ୍ ଆକ୍ସସ୍ ) ଅଧିନିୟମ, ୨୦୨୦ର ବ୍ୟବସ୍ଥା ଅନୁସାରେ ଓଡିଶା ଇଲେକ୍ଟ୍ରିସିଟି ରେଗୁଲେଟୋରୀ କମିଶନ୍ ଓପନ୍ ଆକ୍ସେସ୍ ଶୁଳ୍କ ( ସଂଚାରଣ, ହ୍ୱିଲିଂ ଶୁଳ୍କ, ସରଚାର୍ଜ ଏବଂ ଇଣ୍ଟ୍ରା ଷ୍ଟେଟ୍ ସଂଚାରଣ/ ବିତରଣ ପ୍ରଣାଳୀ ର ବ୍ୟବହାର କରୁଥିବା ଗ୍ରାହକଙ୍କ ପ୍ରତି ପ୍ରଯୁଜ୍ୟ ଅତିରିକ୍ତ ଶୁଳ୍କ) କୁ ଅନୁମୋଦନ ଦେବା ନିମନ୍ତେ ୨୦୨୩ର **କେସ୍ ନଂ ୧୧୮, ୧୨୧,୧୨୪ ଓ ୧୨୭** ଅନୁଯାୟୀ **ତା.୧୩.୦୨.୨୦୨୪ରିଖରେ** ଏକ ସାଧାରଣ ଆଦେଶନାମା ଜାରୀ କରିଛନ୍ତି, ଯାହାକି ୧ ଏପ୍ରିଲ୍, ୨୦୨୪ରୁ କାର୍ଯ୍ୟକାରୀ ହେବ।

୨. ନିମ୍ନ ଟେବୁଲ୍ ରେ ଦର୍ଶିତ ହ୍ୱିଲିଂ ଶୁଳ୍କ ଓ ସରଚାର୍ଜ ୦୧.୦୪.୨୦୨୪ରୁ ବଳବତ୍ତର ହେବ।

### ୧ ଏମ୍ଡବଲ୍ୟୁ ଓ ତଦୁର୍ଦ୍ଧ୍ୱ ଓପନ୍ ଆକ୍ସେସ୍ ଗ୍ରାହକଙ୍କ ନିମନ୍ତେ ସରଚାର୍ଜ, ହ୍ୱିଲିଂ ଶୁଳ୍କ ଓ ସଂଚାରଣ ଶୁଳ୍କ

| ଲାଇସେନ୍ସଧାରୀଙ୍କ ନାମ | ସବସିଡି ଶୁଳ୍କ ସରଚାର୍ଜ ଅତିକ୍ରମି (ପି/ୟୁ) | | ହ୍ୱିଲିଂ ଶୁଳ୍କ ପି/ୟୁ କେବଳ ଏଚଟି ଗ୍ରାହକଙ୍କ ନିମନ୍ତେ | ଓପନ୍ ଆକ୍ସେସ୍ ଗ୍ରାହକଙ୍କ ନିମନ୍ତେ ସଂଚାରଣ ଶୁଳ୍କ (ଏଚ୍ଟି ଓ ଇଏଚ୍ଟି ଗ୍ରାହକଙ୍କ ନିମନ୍ତେ ପ୍ରଯୁଜ୍ୟ) |
|---|---|---|---|---|
| | ଇଏଚ୍ଟି | ଏଚ୍ଟି | | |
| ଟିପିସିଓଡିଏଲ୍ | ୧୬୩.୦୦ | ୭୬.୨୩ | ୧୦୧.୪୬ | ଓପନ ଆକସେସ ଗ୍ରାହକଙ୍କୁ ସଂଚାରଣ ଶୁଳ୍କ ଭାବରେ ଟ.୫୭୬୦/ ଏମ୍ଡବଲ୍ୟୁ-ଦିନ (ଟ.୨୪୦/ଏମ୍ଡବଲ୍ୟୁଏଚ୍) ହିସାବରେ ଓପନ ଆକସେସ ଉପଲବ୍ଧି ନିମନ୍ତେ ପ୍ରଦାନ କରିବାକୁ ହେବ। |
| ଟିପିଏନଓଡିଏଲ୍ | ୧୩୮.୫୦ | ୧୪.୦୬ | ୧୫୨.୨୩ | |
| ଟିପିଡବଲ୍ୟୁଓଡିଏଲ୍ | ୧୧୭.୫୦ | ୨୯.୬୯ | ୯୭.୩୦ | |
| ଟିପିଏସଓଡିଏଲ୍ | ୨୪୩.୫୦ | ୧୨୪.୯୮ | ୧୫୬.୮୨ | |

୩. ୨୦୨୪-୨୫ ବର୍ଷ ନିମନ୍ତେ ପ୍ରଯୁଜ୍ୟ ଇଏଚ୍ଟିରେ ସାଧାରଣ ସଂଚାରଣ କ୍ଷତି (୩.୦%) ଓ ଏଚ୍ଟି ସ୍ତରରେ ସାଧାରଣ ହ୍ୱିଲିଂ କ୍ଷତି (୮%) ଅଟେ।

୪. ଅତିରିକ୍ତ ସରଚାର୍ଜ: ସଂପୃକ୍ତ ଲାଇସେନସଧାରୀଙ୍କୁ ଦିଆଯାଇଥିବା ସବସିଡି ଆବଶ୍ୟକତାର ସବସିଡି ଅତିକ୍ରମି ପର୍ଯ୍ୟନ୍ତ କୌଣସି ଅତିରିକ୍ତ ସରଚାର୍ଜ ନାହିଁ।

୫. ଯଦି ଗ୍ରାହକ କୌଣସି ଓପନ୍ ଆକ୍ସେସ୍‌ରୁ ନବୀକରଣଯୋଗ୍ୟ ଶକ୍ତି ପ୍ରାପ୍ତ କରୁଥାଆନ୍ତି, ତେବେ ତାଙ୍କୁ ସଂଚାରଣ ଶୁଳ୍କ, ହ୍ୱିଲିଂ ଶୁଳ୍କ ଓ କନଭେନସନାଲ୍ ଶକ୍ତି ପ୍ରାପ୍ତ କରୁଥିବା ଗ୍ରାହକଙ୍କ ପ୍ରତି ପ୍ରଯୁଜ୍ୟ ସବ୍‌ସିଡି ଅତିକ୍ରମି ଶୁଳ୍କ ପ୍ରଦାନ କରିବାକୁ ହେବ।

**ଓଡିଶା ରିନ୍ୟୁଏବଲ୍ ଏନର୍ଜି ପଲିସି, ୨୦୨୨ ଅଧିନରେ ଛାଡ଼:**

୬. ପଲିସି ଅବଧିର ୧୫ (ପନ୍ଦର) ବର୍ଷ ମଧ୍ୟରେ ରାଜ୍ୟସ୍ଥିତ ଆର୍‌ଇ ପ୍ରକଳ୍ପରୁ ଶକ୍ତି ବ୍ୟବହାରକାରୀ ଓପନ୍ ଆକ୍ସେସ୍ ଗ୍ରାହକଙ୍କ ସବସିଡି ଅତିକ୍ରମି ସରଚାର୍ଜର ୫୦ ପ୍ରତିଶତ (୫୦%)।

୭. ଗ୍ରୀଡକୋ (ଯେହେତୁ ଗ୍ରୀଡ୍‌କୋ ଚାହିଦା ପୂରଣକାରୀ ଭାବରେ କାର୍ଯ୍ୟକରେ) ରୁ ନବୀକରଣଯୋଗ୍ୟ ଶକ୍ତିପ୍ରାପ୍ତ ଶିଳ୍ପ ପ୍ରତି କୌଣସି ସବସିଡି ଅତିକ୍ରମି ସରଚାର୍ଜ ଦେୟଯୋଗ୍ୟ ନାହିଁ।

୮. ଆରଇ ପଲିସି ଅବଧିର ୧୫ (ପନ୍ଦର) ବର୍ଷ ମଧ୍ୟରେ ରାଜ୍ୟସ୍ଥିତ କାର୍ଯ୍ୟକାରୀ ଆରଇ ପ୍ରକଳ୍ପରୁ ଶକ୍ତିପ୍ରାପ୍ତ କ୍ୟାପ୍ଟିଭ/ ଓପନ୍ ଆକ୍ସେସ୍ ଗ୍ରାହକ ୨୫% ର ହ୍ୱିଲି ଶୁଳ୍କ ଛାଡ଼ ପ୍ରଦାନ କରାଯିବ।

୯. ପଲିସି ଅବଧିର ୧୫ (ପନ୍ଦର) ବର୍ଷ ମଧ୍ୟରେ ରାଜ୍ୟ ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ଆର୍‌ଇ ପ୍ରକଳ୍ପରୁ ଶକ୍ତିପ୍ରାପ୍ତ କ୍ୟାପ୍ଟିଭ/ ଓପନ୍ ଆକ୍ସେସ୍ ଗ୍ରାହକଙ୍କୁ ଓପିଟିସିଏଲ୍ ଦ୍ୱାରା ଏସଟିୟୁ (ସଂଚାରଣ) ରେ ପ୍ରତି ୟୁନିଟ୍ ପିଛା ୨୦ (କୋଡିଏ) ପଇସା ଛାଡ଼ ପ୍ରଦାନ କରାଯିବ। ଏହି ଛାଡ଼ ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ଗ୍ରହଣ କରାଯିବ, ଯଦି କୌଣସି ପରିସ୍ଥିତିରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ **୩୧.୦୩.୨୦୨୬** ପୂର୍ବରୁ ପରିଚାଳିତ ହେଉଥିବ।

୧୦. ଅନ୍ୟ କୌଣସି ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ଶୁଳ୍କମାନ ଆର୍ଥିକ ବର୍ଷ ୨୦୨୪-୨୫ ନିମନ୍ତେ ଚାଲୁ ରହିବ।

ସାଧାରଣ ଜନତା ଓ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ନିମନ୍ତେ ଏହା ଜଣାଇଦିଆଯାଉଛି କି, ଏଚ୍ଟି ଓ ଇଏଚ୍ଟି ର ସମସ୍ତ ଶ୍ରେଣୀର ଗ୍ରାହକଙ୍କ ନିମନ୍ତେ ଏହି ଶୁଳ୍କ କମିଶନ୍ ଦ୍ୱାରା ବଜାୟ ରହିବ। ଏହି ଆଦେଶ କମିଶନ୍ ଙ୍କ ୱେବସାଇଟ୍ **www.orierc.org** ରେ ଉପଲବ୍ଧ ହେବା ସହିତ ବିତରଣକାରୀ ସଂସ୍ଥାନର ୱେବସାଇଟ୍ **www.tpcentralodisha.com** ଉପଲବ୍ଧ ଅଟେ।

**ସ୍ଥାନ : ଭୁବନେଶ୍ୱର**
**ତାରିଖ : ୧୩.୦୨.୨୦୨୪**

**ସ୍ୱା/- ସିଇଓ**
**ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍**